**ରିପୋର୍ଟ ଯୋଗ୍ୟ**

ଭାରତର ସର୍ବୋଚ୍ଚ ନ୍ୟାୟାଳୟ
ଦେୱାନୀ ଆବେଦନ କ୍ଷେତ୍ରାଧିକାର

ଦେୱାନୀ ଆବେଦନ ସଂଖ୍ୟା ୮୨୫୩/୨୦୧୮
[ଏସଏଲପି (ଦେୱାନୀ) ସଂଖ୍ୟା ୩୪୬୨୧/୨୦୧୬ ରୁ ଉତ୍ପନ୍ନ]

ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ ... ଆବେଦନକାରୀ (ମାନେ)

ବନାମ

ରାଜ୍ୟ (ଟ୍ରାୟସେମ) ପଶୁଧନ ନିରୀକ୍ଷକ ସଂଘ ଏବଂ ଅନ୍ୟମାନେ ... ଉତ୍ତରଦାତା (ମାନେ)

**ରାୟ**

**କୁରିଆନ୍, ବିଚାରପତି ।**

୧. ଅନୁମତି ପ୍ରଦାନ କରାଗଲା ।

୨. କୌଣସି ପଦବୀରେ ସିଧାସଳଖ ନିଯୁକ୍ତି କ୍ଷେତ୍ରରେ, ପଦବୀ ଖାଲି ହେବାର ତାରିଖ ପ୍ରସଙ୍ଗରେ କିମ୍ବା ନିଯୁକ୍ତି ସମୟରେ ଯୋଗ୍ୟତା ଦେଖାଯିବ କି ନାହିଁ ଏହି ମାମଲାରେ ବିଚାର ପାଇଁ ପ୍ରଶ୍ନ ଉଠିଛି ।

୩. ଜାନୁୟାରୀ ୪,୧୯୮୪ ରେ ଅଧିସୂଚିତ ଓଡ଼ିଶା ଅଣ-ଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ଏବଂ ସେବାର ସର୍ତ୍ତ) ନିୟମାବଳୀ (ଯାହାକୁ ଆକ୍ଷେପିତ ରାୟରେ ୧୯୮୩ ନିୟମାବଳୀ ବୋଲି ଉଲ୍ଲେଖ କରାଯାଇଛି) ଦୁଇ ପାହ୍ୟା - ପ୍ରାଣୀ ଚିକିତ୍ସା ବିଶେଷଜ୍ଞ ଏବଂ ପଶୁଧନ ନୀରିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ । ପଶୁଧନ ନିରୀକ୍ଷକ ପଦବୀର ୯୦ ପ୍ରତିଶତ ପ୍ରତ୍ୟକ୍ଷ ନିଯୁକ୍ତି ମାଧ୍ୟମରେ ପୂରଣ କରାଯିବ ଏବଂ ଅବଶିଷ୍ଟ ୧୦ ପ୍ରତିଶତ ପଦବୀ ଚତୁର୍ଥ ଶ୍ରେଣୀ କ୍ଷେତ୍ରୀୟ କର୍ମଚାରୀଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ, ଯେଉଁମାନେ ମାଟ୍ରିକ ଏବଂ ପଶୁମାନଙ୍କ ଚିକିତ୍ସାରେ ଦୁଇ ବର୍ଷ ପାଇଁ କ୍ଷେତ୍ର ଅଭିଜ୍ଞତା ପାଇଛନ୍ତି ।

ପଶୁଧନ ନିରୀକ୍ଷକ ପଦବୀରୁ ପଦୋନ୍ନତି ଦ୍ୱାରା ପଶୁ ଚିକିତ୍ସା ବୈଷୟିକ ପଦବୀ ପୂରଣ କରାଯାଉଛି । ୧୯୮୪ ନିୟମାବଳୀର ନିୟମ ୫ ଏବଂ ୬ ନିଯୁକ୍ତି ଏବଂ ଚୟନ ପ୍ରକ୍ରିୟା ପାଇଁ ବ୍ୟବସ୍ଥା ପ୍ରଦାନ କରିଥାଏ । ନିୟମଗୁଡ଼ିକୁ ନିମ୍ନମତେ ପଠନ କରାଯାଏ:

"ପଶୁଧନ ନିରୀକ୍ଷକ ପାହ୍ୟାରେ ସିଧାସଳଖ ନିଯୁକ୍ତି:– ୫. ନିର୍ଦ୍ଦେଶକଙ୍କ ଦ୍ୱାରା ପଶୁସମ୍ପଦ ନିରୀକ୍ଷକ ବର୍ଗରେ ଥିବା ପଦବୀଗୁଡ଼ିକ ପାଇଁ ସଫଳତାର ସହ ତାଲିମ ସମ୍ପୂର୍ଣ୍ଣ କରିଥିବା ପ୍ରାର୍ଥୀଙ୍କ ତାଲିକାରୁ ମେଧା କ୍ରମେ ସିଧାସଳଖ ନିଯୁକ୍ତି ପ୍ରଦାନ କରାଯିବ ।

ପଶୁଧନ ନିରୀକ୍ଷକ ପ୍ରଶିକ୍ଷଣ ପାଇଁ ପ୍ରାର୍ଥୀଙ୍କ ଚୟନ:—୬. ପଶୁଧନ ନିରୀକ୍ଷକଙ୍କ ତାଲିମ ପାଇବା ପାଇଁ ଯୋଗ୍ୟ ହେବାକୁ ଜଣେ ପ୍ରାର୍ଥୀଙ୍କୁ ନିମ୍ନଲିଖିତ ସର୍ତ୍ତାବଳୀ ପୂରଣ ଆବଶ୍ୟକ, ଯଥା:—

(କ) ସେ ଭାରତର ନାଗରିକ କିମ୍ବା ନେପାଳ/ଭୁଟାନର ନାଗରିକ ହୋଇଥିବେ ।ପରନ୍ତୁ, ଭାରତର ନାଗରିକ ବ୍ୟତିରେକ ଅନ୍ୟ ବ୍ୟକ୍ତିମାନଙ୍କର ଯୋଗ୍ୟତା ସରକାର ସେହି ନିମିତ୍ତ ଆଦେଶ ଦ୍ୱାରା ଯେପରି  ନିର୍ଦ୍ଧାରଣ କରିବେ ସେହି ତାରିଖରେ ବନ୍ଦ ହୋଇଯିବ,

(ଖ) ସେ ଓଡ଼ିଆକୁ ବିଷୟ ଭାବେ ଗ୍ରହଣ କରି ସପ୍ତମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଧ୍ୟମ ଇଂରାଜୀ ବିଦ୍ୟାଳୟ ମାନ୍ୟତାପ୍ରାପ୍ତ ଓଡ଼ିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ,

(ଗ) ପଶୁଧନ ନିରୀକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ନିଯୁକ୍ତି ପାଇବା ତାରିଖରେ  ତାଙ୍କର ବୟସ ୧୮ ବର୍ଷରୁ ଅଧିକ ଏବଂ ୨୭ ବର୍ଷରୁ କମ୍ ହୋଇଥିବ:

ପରନ୍ତୁ, ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ସର୍ବାଧିକ ବୟସ ସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯାଇପାରିବ ଏବଂ ସରକାର ସମୟ ସମୟରେ ସାଧାରଣ ବା ସ୍ୱତନ୍ତ୍ର ଆଦେଶ ଦ୍ୱାରା ଯେପରି ନିର୍ଦ୍ଧାରିତ କରନ୍ତି ଅନ୍ୟ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ସେହିପରି ବୟସ ସୀମା କୋହଳ କରାଯାଇପାରିବ,

(ଘ) ସେ କୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟର ମାଧ୍ୟମିକ ଶିକ୍ଷା ବୋର୍ଡରୁ ଅତିକମରେ ମାଟ୍ରିକ କିମ୍ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ,

ଙ. ସେ ଜଣେ ଭଲ ଚରିତ୍ରର  ହୋଇଥିବେ,

(ଚ) ସେ ସୁସ୍ଥ ଶରୀରର ଅଧିକାରୀ ହୋଇଥିବେ, ୫'୨" ଠାରୁ କମ ଉଚ୍ଚତା ନଥାଇ ଉତ୍ତମ ସ୍ୱାସ୍ଥ୍ୟର ହୋଇଥିବେ ଏବଂ ଛାତି ସମ୍ପ୍ରସାରିତ ନହୋଇ ୩୦" ହୋଇଥିବ ଏବଂ ସେ ସକ୍ରିୟ ଅଭ୍ୟାସ ଥାଇ ଜୈବିକ ତ୍ରୁଟି ଏବଂ ଶାରୀରିକ ଓ ମାନସିକ ଦୁର୍ବଳତାରୁ ମୁକ୍ତ ହୋଇଥିବା ଆବଶ୍ୟକ,

ଛ) ସେ ସାଇକେଲ ଚାଳନା ଭଲ ଭାବେ ଜାଣିଥିବେ,

ଜ) ତାଙ୍କର ଏକରୁ ଅଧିକ ପତ୍ନୀ ନଥିବ,"

୪. ତା ୧୯.୦୯.୧୯୯୭ ରିଖ ଅଧିସୂଚନା ଦ୍ୱାରା ୧୯୮୪ ର ନିୟମାବଳୀରେ ଓଡ଼ିଶା ବର୍ଗ 'ଗ' ପଶୁ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) (ସଂଶୋଧନ) ନିୟମ, ୧୯୯୭  ଅନୁଯାୟୀ ସଂଶୋଧନ କରାଯାଇଥିଲା ।

୫. ଏହି ସଂଶୋଧନ ଅନୁସାରେ, ଶିକ୍ଷାଗତ ଯୋଗ୍ୟତା, ଯାହାକି ପୂର୍ବରୁ ମାଟ୍ରିକ ଥିଲା, ତାହାକୁ ବିଜ୍ଞାନରେ ଇଣ୍ଟରମିଡିଏଟ କିମ୍ବା +୨ ବିଜ୍ଞାନ କିମ୍ବା ଉଚ୍ଚ ମାଧ୍ୟମିକ (ବିଜ୍ଞାନ) କିମ୍ବା ଏହିପରି ଅନ୍ୟାନ୍ୟ ସମାନ ପରୀକ୍ଷା କିମ୍ବା ପଶୁପାଳନ/ଦୁଗ୍ଧ/କୁକୁଡ଼ା ପାଳନ/ମାଂସ/ପଶୁ ଉତ୍ପାଦନ କ୍ଷେତ୍ରରେ କୌଣସି ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ/ବୋର୍ଡ/ପରିଷଦ/ବିଶ୍ୱବିଦ୍ୟାଳୟରୁ +୨ ଧନ୍ଦାମୂଳକ ପାଠ୍ୟକ୍ରମକୁ ପରିବର୍ତ୍ତନ କରାଯାଇଛି । ତେବେ ଯେଉଁ ପ୍ରାର୍ଥୀମାନେ +୨ ଧନ୍ଦାମୂଳକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ପଶୁଧନ ନିରୀକ୍ଷକ ତାଲିମ ପାଇଁ ଚୟନ କରିବା ସମୟରେ ପ୍ରାଥମିକତା ଦିଆଯିବ" ।

୬. ଗ୍ରୁପ 'ଡି' କ୍ଷେତ୍ରୀୟ କର୍ମଚାରୀମାନଙ୍କ ମଧ୍ୟରୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିବା ପ୍ରାର୍ଥୀଙ୍କ କ୍ଷେତ୍ରରେ ଏହି ସଂଶୋଧନରେ ମଧ୍ୟ ଏକ ସର୍ତ୍ତ ରହିଛି ଯେ ଆବଶ୍ୟକ ଯୋଗ୍ୟତା କେବଳ *"ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ର ମ୍ୟାଟ୍ରିକୁଲେଶନ କିମ୍ବା ସମତୁଲ୍ୟ ପରୀକ୍ଷା ହେବ" ।*

୭. ଉଚ୍ଚ ନ୍ୟାୟାଳୟର ମତ ଥିଲା ଯେ ଦୁଇଟି ନିୟମ ରହିଛି - ୧୯୮୩ ନିୟମ ଏବଂ ୧୯୯୭ ନିୟମ । ଯେପରି ଆମେ ଉପରେ ଉଲ୍ଲେଖ କରିଛୁ, ୪ ଜାନୁୟାରୀ, ୧୯୮୪ ରେ କେବଳ ଗୋଟିଏ ସେଟ୍ ନିୟମାବଳୀ ଅଧିସୂଚିତ ହୋଇଥିଲା, ୧୯୯୭ ରେ ସଂଶୋଧିତ ହୋଇଥିଲା । ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ, ଆକ୍ଷେପିତ ରାୟ ଅନୁଯାୟୀ, ଏହାକୁ ଦୁଇ ପୃଥକ ନିୟମାବଳୀ ଭାବେ ଗ୍ରହଣ କରିଥିଲେ । ତେଣୁ ଉଚ୍ଚ ନ୍ୟାୟାଳୟ ଏହି ମତ ପୋଷଣ କରିଥିଲେ ଯେ ୧୯୯୭ ସଂଶୋଧିତ ନିୟମ ପୂର୍ବରୁ ଥିବା ଖାଲି ପଦବୀଗୁଡ଼ିକୁ ୧୯୮୪ ନିୟମ ଅନୁଯାୟୀ ଥିବା ଯୋଗ୍ୟତା ଅନୁଯାୟୀ ପୂରଣ କରାଯିବା ଉଚିତ, ଯଦିଓ ନିଯୁକ୍ତି ସଂଶୋଧନ ପରେ କରାଯାଇଥାଏ । ତେଣୁ ବ୍ୟଥିତ ହୋଇ ରାଜ୍ୟ ଆବେଦନ କରିଛନ୍ତି ।

୮. ତେବେ, ଅତିରିକ୍ତ ସଲିସିଟର ଜେନେରାଲ ମନିନ୍ଦର ସିଂହ ଦର୍ଶାଇଛନ୍ତି ଯେ ୧୯୮୩ ନିୟମ ୧୯୯୭ ମସିହାରେ ସଂଶୋଧିତ ହୋଇଥିବା ଯୋଗୁଁ କୌଣସି ପ୍ରତ୍ୟକ୍ଷ ନିଯୁକ୍ତି, ସଂଶୋଧନ ପରେ, ସଂଶୋଧିତ ନିୟମ ଅନୁଯାୟୀ କରାଯିବ । ପଦୋନ୍ନତି କ୍ଷେତ୍ରରେ ସ୍ଥିତି ଭିନ୍ନ ହୋଇଥାନ୍ତା ଯେଉଁଠାରେ ପଦୋନ୍ନତି ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସଂଶୋଧନ ପୂର୍ବରୁ ଉପଲବ୍ଧ ଶୂନ୍ୟ ପଦବୀ ସଂକ୍ରାନ୍ତରେ ପଦୋନ୍ନତି ପାଇଁ ଦାବି

କରିଥାନ୍ତେ । ବର୍ତ୍ତମାନର ମାମଲାରେ ପରିସ୍ଥିତି ତାହା ନୁହେଁ । ଏହା ପ୍ରତ୍ୟକ୍ଷ ନିଯୁକ୍ତିର ଏକ ମାମଲା । **ଭାରତ ସଂଘ ଏବଂ ଅନ୍ୟଜଣେ ବନାମ ଯୋଗେନ୍ଦ୍ର ସିଂହ**[1] ମାମଲାରେ ଏହି ନ୍ୟାୟାଳୟ ଯେପରି କହିଛନ୍ତି, ଶୂନ୍ୟ ସ୍ଥାନ ସୃଷ୍ଟି ହେବା ତାରିଖ ନିର୍ବିଶେଷରେ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ପ୍ରାର୍ଥୀ ନିଯୁକ୍ତି ସମୟରେ ବଳବତ୍ତର ଥିବା ନିୟମ ଅନୁଯାୟୀ ଯୋଗ୍ୟତା ହାସଲ କରିବା ଆବଶ୍ୟକ ।

୯. ଉତ୍ତରଦାତାଙ୍କ ତରଫରୁ ଉପସ୍ଥିତ ଶ୍ରୀ ଆର. ପି. ଭଟ୍ଟ, ବିଦ୍ୱାନ ବରିଷ୍ଠ ଅଧିବକ୍ତା କଷ୍ଟସାପେକ୍ଷ ଯୁକ୍ତି ବାଢ଼ିଛନ୍ତି ଯେ ଉତ୍ତରଦାତାମାନେ ହେଉଛନ୍ତି ସେହି ଲୋକ ଯେଉଁମାନଙ୍କୁ ୧୯୯୪ ରୁ ୧୯୯୭ ମଧ୍ୟରେ ଏକ ବର୍ଷ ପାଇଁ ଟ୍ରାୟସେମ (ଆତ୍ମ ନିଯୁକ୍ତି ପାଇଁ ଗ୍ରାମ୍ୟ ଯୁବକଙ୍କୁ ପ୍ରଶିକ୍ଷଣ ) ଯୋଜନା ଅଧୀନରେ ସରକାରଙ୍କ ଦ୍ୱାରା ପ୍ରଶିକ୍ଷଣ ପାଇଁ ପଠାଯାଇଛି ଏବଂ ସେମାନେ ୧୯୮୩ ର ତତ୍କାଳୀନ ନିୟମ ଅନୁଯାୟୀ ପଶୁଧନ ନିରୀକ୍ଷକ/ପଶୁ ଚିକିତ୍ସା ସହାୟକ ଆଦି ଭାବେ ନିଯୁକ୍ତି ଅପେକ୍ଷାରେ ଅଛନ୍ତି । ଏହା ମଧ୍ୟ ଉପସ୍ଥାପନ କରାଯାଇଛି ଯେ ଯେଉଁମାନେ ଏହି ପ୍ରକଳ୍ପ ଅଧୀନରେ ତାଲିମ ନେଇଛନ୍ତି ସେମାନଙ୍କୁ ୧୯୯୭ ମସିହାରୁ ଲାଗୁ ହେଉଥିବା ନିୟମରେ ସଂଶୋଧନ ଆଣିବା ପୂର୍ବରୁ ୧୯୮୩ ନିୟମ ଅନୁଯାୟୀ "ମାଟ୍ରିକ" ଯୋଗ୍ୟତା ସହିତ ନିଯୁକ୍ତି ଦିଆଯାଇଛି । ତେଣୁ ଗ୍ରୁପ 'ସି' ବର୍ଗରେ ସଂଶୋଧନ ପୂର୍ବରୁ ଥିବା ସମସ୍ତ ଖାଲି ପଦବୀକୁ ଏହି ଯୋଜନା ଅନ୍ତର୍ଗତ ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ପୂରଣ କରାଯିବା ଉଚିତ, ଯେପରିକି ପୂର୍ବ ଦଳରେ କରାଯାଇଥିଲା । ଏହା ମଧ୍ୟ ନିବେଦନ କରାଯାଇଛି ଯେ ସଂଶୋଧନ ଅନୁଯାୟୀ ମଧ୍ୟ, ଏପରି ଏକ ଶ୍ରେଣୀ ରହିଛି ଯେଉଁମାନେ ମାଟ୍ରିକ ସହିତ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ଏବଂ ସେଥିପାଇଁ ଉତ୍ତରଦାତାମାନଙ୍କୁ ମଧ୍ୟ ବିଚାର କରାଯିବା ଉଚିତ କାରଣ ସେମାନଙ୍କ ପାଖରେ ମଧ୍ୟ ମାଟ୍ରିକ ଏବଂ ତାଲିମ ଭଳି ସମାନ ଯୋଗ୍ୟତା ରହିଛି ।

୧୦. ସେବା ଆଇନଶାସ୍ତ୍ରର ପ୍ରଥମ ସିଦ୍ଧାନ୍ତ ସହିତ କୌଣସି ବିବାଦ ରହିପାରିବ ନାହିଁ ଯେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ନିଯୁକ୍ତି ସମୟରେ ଯୋଗ୍ୟତା ଦେଖିବା ଆବଶ୍ୟକ ।ପ୍ରତ୍ୟକ୍ଷ ନିଯୁକ୍ତିରେ ଅନେକ ନୀତି ପ୍ରସଙ୍ଗ ମଧ୍ୟ

[1] (୧୯୯୪) ଏସୟୁପିପିଏଲ. ୨ ଏସସିସି ୨୨୬

ସାମିଲ ରହିଛି । ଏହା ବାଧ୍ୟତାମୂଳକ ନୁହେଁ ଯେ ଏପରି ସମସ୍ତ ଖାଲି ପଦବୀ ପୂରଣ କରାଯିବ ଏବଂ ଯଦି ସର୍ବାଦୌ ପୂରଣ କରିବାକୁ ହେବ ତେବେ ଯେତେବେଳେ ମଧ୍ୟ ଖାଲି ପଡ଼ିବ ସେତେବେଳେ ପୂରଣ କରାଯିବ । ଏହି ସମସ୍ତ ବିଷୟ ନିଯୁକ୍ତି କର୍ତ୍ତୃପକ୍ଷଙ୍କ ସଚେତନ ନିଷ୍ପତ୍ତି ଉପରେ ଛାଡ଼ି ଦିଆଯାଇଛି । ଉପଯୁକ୍ତ କର୍ତ୍ତୃପକ୍ଷ ମଧ୍ୟ ଚୟନ ପଦ୍ଧତି ଏବଂ କାର୍ଯ୍ୟଧାରା ନିର୍ଦ୍ଧାରଣ କରିପାରିବେ ଏବଂ ନିଯୁକ୍ତି ସମୟରେ ଯୋଗ୍ୟତା ଏବଂ ଉପଯୁକ୍ତତା ନିର୍ଦ୍ଧାରଣ କରିପାରିବେ । ତେବେ, ପଦୋନ୍ନତି କ୍ଷେତ୍ରରେ ପଦବୀଧାରୀମାନେ ସଂଶୋଧନ ପୂର୍ବରୁ ବିଦ୍ୟମାନ ଅଣ-ସଂଶୋଧିତ ନିୟମ ଅନୁଯାୟୀ ପୂରଣ କରାଯିବାକୁ ଥିବା ପଦବୀ ପାଇଁ ଦାବି କରିପାରିବେ । ଏହା ଯୁକ୍ତିଯୁକ୍ତ ଆଶା  ନିୟମ ଉପରେ ଆଧାରିତ । ତେଣୁ ଆମେ ବରିଷ୍ଠ ଅଧିବକ୍ତା ଶ୍ରୀ ଆର. ପି. ଭଟ୍ଟଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନା ଯେ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଥିବା ତାରିଖରେ ଥିବା ଯୋଗ୍ୟତାକୁ ଦେଖାଯିବା ଉଚିତ, ଏହାକୁ ସମର୍ଥନ କରିବା କଷ୍ଟକର ବୋଲି ବିବେଚନା କରୁଛୁ ।

୧୧. **ଯୋଗେନ୍ଦ୍ର ସିଂ** (ଉପରୋକ୍ତ) ମାମଲାରେ, ଏହି କୋର୍ଟ ସମାନ ପରିସ୍ଥିତି ଉପରେ ବିଚାର କରିଛନ୍ତି ଏବଂ ଏହା କୁହାଯାଇଛି ଯେ *"କୌଣସି ପ୍ରାର୍ଥୀ ଯାହାଙ୍କ ନିକଟରେ ବର୍ତ୍ତମାନ ନିର୍ଦ୍ଧାରିତ ଯୋଗ୍ୟତା ନାହିଁ, କିନ୍ତୁ ପୂର୍ବରୁ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ରହିଛି, ତାଙ୍କୁ ପୂର୍ବରୁ ପୂରଣ ହୋଇନଥିବା କିଛି ଖାଲି ପଦବୀ ବିରୁଦ୍ଧରେ ମଧ୍ୟ ନିଯୁକ୍ତି ପାଇଁ ଯୋଗ୍ୟ କିମ୍ବା କୌଣସି ନ୍ୟସ୍ତ ଅଧିକାର ବୋଲି କୁହାଯାଇପାରିବ ନାହିଁ । ପ୍ରତ୍ୟେକ ପ୍ରାର୍ଥୀ ଯିଏ କୌଣସି ଖାଲି ପଦବୀ ପୂରଣ କରିବାକୁ ଚାହୁଁଛି, ସେ ସେହି ସମୟରେ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଆବଶ୍ୟକ"* ।

୧୨. **ବିନୋଦ କୁମାର ସଙ୍ଗଲ ବନାମ ଭାରତ ସଂଘ ଏବଂ ଅନ୍ୟମାନେ**[2] ମାମଲାରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା କରାଯାଇଥିବା ନିର୍ଭରତା କୌଣସି ସହାୟକ ହେବ ନାହିଁ, କାରଣ ଏହା ଅନେକ ବର୍ଷ ପାଇଁ

[2] (୧୯୯୫) ୪ ଏସସିସି ୨୪୬

ପଦୋନ୍ନତି ଏବଂ ପଦବୀ ଖାଲି ରହିଥିବାର ମାମଲା ଥିଲା, ଯେଉଁଠାରେ ବାସ୍ତବରେ ଆବଶ୍ୟକତା ବର୍ଷ ଅନୁସାରେ ପ୍ରସ୍ତୁତ ପ୍ୟାନେଲରୁ ଚୟନ ଥିଲା ।

୧୩. ନିଃସନ୍ଦେହ, ସଂଶୋଧିତ ନିୟମ ଅନୁଯାୟୀ ଏକ ସର୍ତ୍ତ ଥିଲା ଯେ ଗ୍ରୁପ 'ଡି' କର୍ମଚାରୀମାନଙ୍କ ମଧ୍ୟରୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିବା ପ୍ରାର୍ଥୀଙ୍କ ଯୋଗ୍ୟତା କେବଳ ମାଟ୍ରିକ କିମ୍ବା ତତ୍ତୁଲ୍ୟ । ସେବା କାଳରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପରେ ପ୍ରଶିକ୍ଷଣ ପାଇଁ ନିୟମ ଅନୁଯାୟୀ ଏହି ରିହାତି ପ୍ରଦାନ କରାଯାଇଛି । ଉତ୍ତରଦାତାମାନେ ସେବାରେ ଥିବା ପ୍ରାର୍ଥୀ ନୁହନ୍ତି । ସେମାନେ କେବଳ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଆଶା କରିପାରିବେ ।

୧୪. ତେଣୁ, **ବିନୋଦ କୁମାର ସଙ୍ଗଲ** (ଉପରୋକ୍ତ) ଙ୍କ ଉପରେ ଭୁଲ ନିର୍ଭରଶୀଳତା ରଖି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଯେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଶୂନ୍ୟ ସ୍ଥାନ ସୃଷ୍ଟି ହେଉଥିବା ସମୟରେ ବିଦ୍ୟମାନ ଥିବା ନିୟମ ଅନୁଯାୟୀ ନିଯୁକ୍ତି କରାଯିବ, ଏହା ସଠିକ ଆଇନଗତ ସ୍ଥିତିକୁ ପ୍ରତିଫଳିତ କରୁନାହିଁ । ଯେପରି ଆମେ ପୂର୍ବରୁ ଉଲ୍ଲେଖ କରିଛୁ, ପଦୋନ୍ନିତ ବ୍ୟକ୍ତି ପାଇଁ, ସେମାନେ ସଂଶୋଧିତ ନିୟମ ଅନୁଯାୟୀ ପୂରଣ ହେବା ପୂର୍ବରୁ ଉପଲବ୍ଧ ଥିବା ଖାଲି ପଦବୀଗୁଡିକ ସଂକ୍ରାନ୍ତରେ ପଦୋନ୍ନତି ପାଇଁ ଦାବି ଉପସ୍ଥାପନ କରିପାରିବେ । ବର୍ତ୍ତମାନର ମାମଲାରେ ପରିସ୍ଥିତି ତାହା ନୁହେଁ ।

୧୫. ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ, ପଶୁ ଓ ଗ୍ରାମୀଣ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଟ୍ରାୟସେମ ପଶୁଧନ ନୀରିକ୍ଷକଙ୍କ ନିଯୁକ୍ତି ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ୦୧.୧୨.୨୦୦୦ ତାରିଖର ଚିଠିକୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହି ପତ୍ରରେ ସରକାର ଏହା ସ୍ପଷ୍ଟ କରିଛନ୍ତି ଯେ ନିଯୁକ୍ତି ପାଇଁ ଲୋକମାନଙ୍କର ଅଭିଜ୍ଞତା ଦେଖିବା ଆବଶ୍ୟକ, କିନ୍ତୁ ଶିକ୍ଷାଗତ ଯୋଗ୍ୟତାକୁ ଡିସେମ୍ବର, ୧୯୯୮ ପର୍ଯ୍ୟନ୍ତ ଦେଖିବା ଉଚିତ, ଯାହା ସଂଶୋଧନ ପରେ ଆସିଛି । ତେବେ, ସରକାରଙ୍କ ପତ୍ରରେ କୁହାଯାଇଛି ଯେ ବିଭାଗ *"ଟ୍ରାୟସେମ ତାଲିମପ୍ରାପ୍ତ ୫୦୦ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା ଲାଗି ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପ ପ୍ରସ୍ତୁତ କରିବ ଯାହା ଦୀର୍ଘକାଳୀନ ଭିତ୍ତିରେ ବିଭାଗର ସର୍ବାଧିକ ବିକାଶରେ*

*ସହାୟକ ହେବ"* । ଏଠାରେ ଏହା ଟିପ୍ପଣୀ କରିବା ପ୍ରାସଙ୍ଗିକ ହେବ ଯେ ଏହି ନିଯୁକ୍ତି ତାଲିମପ୍ରାପ୍ତ ପ୍ରାର୍ଥୀମାନଙ୍କ ମଧ୍ୟରୁ କରାଯାଇଥାଏ । ଚିଠିରେ ପ୍ରତିଫଳିତ ହୋଇଥିବା ପରି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ଦୃଷ୍ଟିରେ ରଖି ଆମେ ଏହା ସ୍ପଷ୍ଟ କରୁଛୁ ଯେ ସେମାନଙ୍କ ପ୍ରଶିକ୍ଷଣକୁ ଦୃଷ୍ଟିରେ ରଖି ଯୋଗ୍ୟତା କୋହଳ କରିବା ଲାଗି ସରକାରଙ୍କ ନିକଟରେ ଉପଯୁକ୍ତ ନିବେଦନ କରିବାକୁ ଉତ୍ତରଦାତାମାନଙ୍କୁ ଅନୁମତି ଦିଆଯିବ, ଯେଉଁଥିରେ ସରକାର ତୁରନ୍ତ ବିଚାର କରିବେ । ପ୍ରଶିକ୍ଷଣ ପରେ ସେମାନେ ବାସ୍ତବରେ ବିଭିନ୍ନ ସମୟରେ ପଶୁଧନ ନିରୀକ୍ଷକ ଭାବେ ନିୟୋଜିତ ହୋଇଥିଲେ ବୋଲି ସରକାରଙ୍କୁ ଅବଗତ କରାଇବାକୁ ମଧ୍ୟ ଉତ୍ତରଦାତାମାନଙ୍କୁ ଅନୁମତି ଦିଆଯିବ ।

୧୬. ଉପରୋକ୍ତ ବିଷୟକୁ ଧ୍ୟାନରେ ରଖି, ରିଟ ଆବେଦନ (ଦେୱାନୀ) ସଂଖ୍ୟା ୨୪୬୩୮/୨୦୧୧ ରେ ଉଚ୍ଚ ନ୍ୟାୟାଳୟଙ୍କ ୧୮.୦୭.୨୦୧୬ ତାରିଖର ଆକ୍ଷେପିତ ରାୟକୁ ଖାରଜ କରାଯାଇଛି ଏବଂ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

**...............ବିଚାରପତି**
**କୁରିଆନ ଯୋଶେଫ**

**........... ବିଚାରପତି**
**ସଞ୍ଜୟ କିଷାନ କୌଲ**

**ନୂଆଦିଲ୍ଲୀ;**
**୧୪ ଅଗଷ୍ଟ, ୨୦୧୮**

**<u>ଅସ୍ୱୀକାର ପତ୍ର</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

***Translated by:***
Subodh Rout,
Translator, High Court of Orissa